**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**12 MAY– 2026**

## ସୁପ୍ରିମକୋର୍ଟଙ୍କ ପରାମର୍ଶ

ବିଚାରାଧୀନ ଆଗୁଆ ତଥା ନିୟମିତ ଜାମିନ ଆବେଦନ ଗୁଡ଼ିକର ତ୍ୱରିତ ଶୁଣାଣି ପାଇଁ ଦେଶର ସବୁ ହାଇକୋର୍ଟଙ୍କୁ ସୁପ୍ରିମକୋର୍ଟ ପରାମର୍ଶ ଦେଇଛନ୍ତି । ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଜୟମାଲ୍ୟ ବାଗ୍‌ଚୀଙ୍କ ଖଣ୍ଡପୀଠ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଜାମିନ ଆବେଦନ ଗୁଡ଼ିକର ଶୁଣାଣି ଶେଷ କରିବାକୁ କହିଛନ୍ତି । ଆବେଦନ ଦାଖଲର ପରଦିନ କିମ୍ବା ଅତି ବେଶୀରେ ସପ୍ତାହକ ମଧ୍ୟରେ ଶୁଣାଣି ପାଇଁ ତାଲିକାଭୁକ୍ତ କରିବାକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି । ଆବେଦନର ପ୍ରଥମ ଶୁଣାଣି ପରେ ସ୍ଥିତାବସ୍ଥା ରିପୋର୍ଟ ଦାଖଲ କରିବା ବାଧ୍ୟତାମୂଳକ ବୋଲି ଖଣ୍ଡପୀଠ କହିଛନ୍ତି ।

## ଧାନକିଣା ପ୍ରକ୍ରିୟା

ରାଜ୍ୟରେ ରବିରତୁ ଧାନକିଣା ପ୍ରକ୍ରିୟା ଆରମ୍ଭ ହୋଇଛି। ବରଗଡ଼ ଜିଲ୍ଲାରେ ଗତକାଲିଠାରୁ ଏହା କାର୍ଯ୍ୟକାରୀ ହୋଇଛି । ଧାନ ବିକ୍ରି ପାଇଁ ପ୍ରାୟ ୧ଲକ୍ଷ ୫ହଜାର ଚାଷୀ ପଞ୍ଜିକରଣ କରିଛନ୍ତି । ସେମାନଙ୍କ ମଧ୍ୟରୁ ଏପର୍ଯ୍ୟନ୍ତ ୯୬ହଜାର ୩୭୭ଜଣ ଚାଷୀଙ୍କୁ ଟୋକନ ପ୍ରଦାନ

କରାଯାଇଛି । ବାଲେଶ୍ୱର, କଟକ, ପୁରୀ, ସମ୍ବଲପୁରରେ ଆସନ୍ତା ୧୫ ତାରିଖରେ ଧାନସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବ।

## ବୈଠକ

ରାଜ୍ୟରେ ଭିତ୍ତିଭୂମି ବିକାଶ ସମ୍ପର୍କିତ ଉଚ୍ଚକ୍ଷମତାସମ୍ପନ୍ନ କମିଟିର ୬୫ତମ ବୈଠକ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ଲୋକସେବା ଭବନ ସମ୍ମିଳନୀ କକ୍ଷଠାରେ ମୁଖ୍ୟ ଶାସନସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସରକାରୀ ଏବଂ ବେସରକାରୀ ଭାଗିଦାରୀତାରେ କାର୍ଯ୍ୟକାରୀ ହେବାକୁଥିବା ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପଗୁଡ଼ିକର ସ୍ଥିତି ନେଇ ବିସ୍ତୃତ ଆଲୋଚନା ହୋଇଛି । ମୋଟ୍ ୧ହଜାର ୧୩୦ କୋଟି ଟଙ୍କା ବ୍ୟୟ ଅଟକଳରେ ୫ଟି ନୂତନ ପିପିପି ପ୍ରକଳ୍ପକୁ ମଞ୍ଜୁରୀ ପ୍ରଦାନ କରାଯାଇଛି ।

## ପିଏମ୍ ଗ୍ରାମ ସଡ଼କ ଯୋଜନା

ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାର ସଫଳ କାର୍ଯ୍ୟାନ୍ୱୟନ ଏବଂ ଗ୍ରାମୀଣ ସଂଯୋଗ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟଦକ୍ଷତା ନେଇ ଓଡ଼ିଶା ଜାତୀୟ ସ୍ତରରେ ସମ୍ମାନିତ ହୋଇଛି । ମଧ୍ୟପ୍ରଦେଶର ଶିହୋରଠାରେ ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ସମାରୋହରେ ଓଡ଼ିଶାକୁ ପୁରସ୍କୃତ କରାଯାଇଛି । ଯୋଜନାର ୨୫ବର୍ଷ ପୂର୍ତ୍ତି ପାଳନ ଅବସରରେ ଆୟୋଜିତ ସମାରୋହରେ କେନ୍ଦ୍ର ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂହ ଚୌହ୍ୱାନ ଯୋଗଦେଇ ପୁରସ୍କାର ବିତରଣ କରିଛନ୍ତି । ଯୋଜନା ଅଧୀନରେ ରାଜ୍ୟକୁ ମିଳିଥିବା ଏହି ଜାତୀୟସ୍ତରୀୟ ସ୍ୱୀକୃତି ଗ୍ରାମୀଣ

ବିକାଶ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ଅଙ୍ଗୀକାରବଦ୍ଧତାକୁ ପ୍ରତିପାଦନ କରୁଛି ବୋଲି ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବିନାରାୟଣ ନାଏକ କହିଛନ୍ତି।

## ରତ୍ନଭଣ୍ଡାର-ଗଣତି ମଣତି

ପୁରୀ ଶ୍ରୀମନ୍ଦିର ଭିତର ରତ୍ନଭଣ୍ଡାର ଗଣତିମଣତି ଆଜି ମଧ୍ୟାହ୍ନ ଧୂପ ପରେ ଆରମ୍ଭ ହେବ । ଗଣତିମଣତି ସମୟରେ ବାହାର କାଠ ନିକଟରୁ ଶ୍ରଦ୍ଧାଳୁ ଶ୍ରୀ ଜୀଉଙ୍କ ଦର୍ଶନ କରିପାରିବେ । ଗତକାଲିଠାରୁ ଆରମ୍ଭ ହୋଇଥିବା ଗଣତିମଣତି କାର୍ଯ୍ୟ ଚଳିତମାସରେ ୯ ଦିନ ଧରି ଚାଲିବ । ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ଚଳିତମାସରେ ଅନ୍ୟ ଦିନଗୁଡ଼ିକରେ ହେବାକୁ ଥିବା ଗଣତି ମଣତି ସମ୍ପର୍କରେ ସୂଚନା ଦେଇଛନ୍ତି ।

## ଆସାମ-ଶପଥଗ୍ରହଣ

ଆସାମର ନୂତନ ମୁଖ୍ୟମନ୍ତ୍ରୀ ଭାବେ ଏନ୍‌ଡିଏ ନବନିର୍ବାଚିତ ବିଧାୟକ ଦଳ ନେତା ହିମନ୍ତ ବିଶ୍ୱଶର୍ମା ଆଜି ଶପଥଗ୍ରହଣ କରିବେ। ଖାନପଡା ପଶୁ ଚିକିତ୍ସାଳୟ ପଡ଼ିଆରେ ଅନୁଷ୍ଠିତ ହେବାକୁ ଥିବା ଶପଥଗ୍ରହଣ ସମାରୋହରେ ରାଜ୍ୟପାଳ ଲକ୍ଷ୍ମଣପ୍ରସାଦ ଆଚାର୍ଯ୍ୟ ଶ୍ରୀ ବିଶ୍ୱଶର୍ମାଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇବେ । ତାଙ୍କ ସହିତ ଅନ୍ୟ ୪ଜଣ ମନ୍ତ୍ରିପରିଷଦ ସଦସ୍ୟ ଭାବେ ଶପଥଗ୍ରହଣ କରିବାର କାର୍ଯ୍ୟସୂଚୀ ରହିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମେତ କେନ୍ଦ୍ର ମନ୍ତ୍ରିମଣ୍ଡଳର ବହୁ ସଦସ୍ୟ ଏବଂ ବିଜେପି ତଥା ଏନ୍‌ଡିଏ ଶାସନାଧୀନ ରାଜ୍ୟ ଗୁଡ଼ିକର ମୁଖ୍ୟମନ୍ତ୍ରୀ ଯୋଗଦେବେ ।

## +୨ ପରୀକ୍ଷାଫଳ

ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ +୨ ପରୀକ୍ଷାଫଳ ଆସନ୍ତା ସପ୍ତାହରେ ପ୍ରକାଶ ପାଇବ ବୋଲି ପରିଷଦ ପକ୍ଷରୁ କୁହାଯାଇଛି । ଚଳିତବର୍ଷ ଗୋଟିଏ ଦିନରେ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ପାଠ୍ୟକ୍ରମ ପରୀକ୍ଷାଫଳ ପ୍ରକାଶ ପାଇବ ।

## ବଳଦେବଜୀଉ-ଚନ୍ଦନ ଯାତ୍ରା

ତୁଳସୀକ୍ଷେତ୍ର କେନ୍ଦ୍ରାପଡା ଶ୍ରୀ ବଳଦେବଜୀଉଙ୍କ ଭିତର ଚନ୍ଦନ ଯାତ୍ରା ଗତକାଲିଠାରୁ ଆରମ୍ଭ ହୋଇଛି । ଜ୍ୟେଷ୍ଠ ପୂର୍ଣ୍ଣିମା ପୂର୍ବଦିନ ଚତୁର୍ଦ୍ଦଶୀ ପର୍ଯ୍ୟନ୍ତ ଏହା ଚାଲିବ। ଠାକୁରଙ୍କର ୧୨ ମାସରେ ୧୩ ପର୍ବ ପାଳନ ଦେବନୀତି ମଧ୍ୟରୁ ଏହା ଏକ ଗୁପ୍ତ ନୀତି ।

## ନର୍ସ ଦିବସ

ରୋଗୀସେବା ଲାଗି ନର୍ସମାନଙ୍କର କଠିନ ପରିଶ୍ରମ, ସମର୍ପଣ ଭାବକୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ଆଜି ଆନ୍ତର୍ଜାତୀୟ ନର୍ସ ଦିବସ ପାଳନ କରାଯାଉଛି । ଆଧୁନିକ ନର୍ସିଂ ସେବା ଆରମ୍ଭ କରିଥିବା ଫ୍ଲୋରେନ୍ସ ନାଇଟିଙ୍ଗେଲଙ୍କ ଜନ୍ମଦିନକୁ ସ୍ମରଣ କରିବା ପାଇଁ ୧୯୬୫ ମସିହାରୁ ଆଜିର ଦିନକୁ ନର୍ସ ବା ସେବିକା ଦିବସ ଭାବେ ପାଳନ କରାଯାଉଛି । ଚଳିତବର୍ଷର ସେବିକା ଦିବସର ବାର୍ତ୍ତା ରହିଛି ‘ଆମ ନର୍ସ ଆମ ଭବିଷ୍ୟତ, ନର୍ସଙ୍କୁ ସଶକ୍ତ କରିବା, ଜୀବନ ବଞ୍ଚାଇବା’ ।

# ପାଣିପାଗ

ଦକ୍ଷିଣ ପଶ୍ଚିମ ବଙ୍ଗୋପ ସାଗରରେ ସୃଷ୍ଟ ଲଘୁଚାପ ଆସନ୍ତା ୪୮ଘଣ୍ଟା ମଧ୍ୟରେ ଆହୁରି ଘନୀଭୂତ ହୋଇ ସୁଦୃଶ୍ୟ ଲଘୁଚାପରେ ପରିଣତ ହେବାର ସମ୍ଭାବନା ରହିଛି । ପାଣିପାଗ କେନ୍ଦ୍ରର ସୂଚନା ଅନୁସାରେ ଲଘୁଚାପର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ଆସନ୍ତା ୪ ଦିନ ପର୍ଯ୍ୟନ୍ତ ବର୍ଷା ହେବାର ସମ୍ଭାବନା ରହିଛି । ବର୍ଷାର ପ୍ରଭାବରେ ରାଜ୍ୟରେ ତାପମାତ୍ରା ହ୍ରାସ ପାଇବା ସହ ଗତକାଲି ପ୍ରାୟ ସମସ୍ତ ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ ତଳେ ରହିଥିଲା ।

ଅପରପକ୍ଷରେ ଚଳିତ ସପ୍ତାହ ଶେଷଆଡକୁ ଦକ୍ଷିଣ-ବଙ୍ଗୋପସାଗର, ଆଣ୍ଡାମାନ ସାଗର ଏବଂ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜର କେତେକ ଅଞ୍ଚଳକୁ ଦକ୍ଷିଣ-ପଶ୍ଚିମ ମୌସୁମୀବାୟୀ ଅଗ୍ରସର ହେବା ନେଇ ପାଗ ଅନୁକୂଳ ଥିବା ପାଣିପାଗ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି ।